# Akashvani, Sambalpur

## SAMBALPURI NEWS BULLETIN

### 19 December 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ କେନ୍ଦୁଝର୍ ଗସ୍ତର୍ ଆଏଜ୍ ୩ ନମ୍ବର୍ ଦିନ୍ । ଆଏଜ୍ ସଖାଲ୍‌ବେଲା ଚମ୍ପୁଆଠାନେ ଥିବା ସର୍‌କାରୀ ମହତାବ୍ ଉଚ୍ଚବିଦ୍ୟାଳୟର୍ ହୀରକ ଜୟନ୍ତୀ ସମାରୋହଥି ସେ ଯୋଗ୍ ଦେବେ । ଇତାର୍ ଉତ୍‌ରୁ ଆଏଜ୍ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଫିରିଯିବାର୍ କାର୍ଯ୍ୟସୂଚୀ ରହିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ୩ ଦିନିଆ ଗସ୍ତଥି ମୁଖ୍ୟମନ୍ତ୍ରୀ ଗଲାକାଏଲ୍ କାଲୀ ପଡ଼ିଆଠାନେ ଗୋନାସିକା ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍ ପି.ଆଇ.ବି.

ଏକବିଂଶ ଶତାବ୍ଦୀଥି ଭାରତ୍ ଜ୍ଞାନ୍ ଭିତିକ୍ ଅର୍ଥନୀତିର୍ ନେତୃତ୍ୱ ନେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ୍ ଆୟୋଗ୍ର ୨୦ ନମ୍ବର୍ ଥାପ୍ନା ଦିବସ୍ ଆର୍ ସଂଖ୍ୟାଲଘୁ ଅଧିକାର୍ ଦିବସ୍ ସମାରୋହଥି ଯୋଗ୍ ଦେଇକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଗଲା ୧୦ ବଛର୍ ଭିତ୍ରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱଥି କେନ୍ଦ୍ର ସର୍କାର୍ ସବ୍କା ସାଥ୍ - ସବ୍କା ବିକାଶ୍ ମନ୍ତ୍ରଥି ଦେଶ୍ବାସୀଙ୍କୁ ମୌଲିକ୍ ସୁବିଧା ଯୁଗେଇ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ- ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ଶିଳ୍ପସଂସ୍ଥାମାନ୍କର୍ ଉପ୍ରେ ବାକିଥିବା ବିଦ୍ୟୁତ୍ ବିଲ୍ ଆଦାୟ କର୍ବାର୍ ଉପ୍ରେ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ବାକିଥିବା ବିଦ୍ୟୁତ୍ ବିଲ୍ ଆଦାୟ ଲାଗି ସର୍କାରୀ ନିୟମ୍ ଅନ୍ସାରେ ପଦକ୍ଷେପ୍ ନିଆଯାଉଛେ । ଆଡ୍ଭୋକେଟ୍ ଜେନେରାଲ୍ ଆର୍ ବିଭାଗୀୟ ଅଦାଲତ୍ ନ ବିଚାରାଧୀନ୍ ଥିବା

ଭିନ୍ ଭିନ୍ ମାମ୍ଲାର୍ ସମାଧାନ୍ ଦିଗେ ତୁର୍ତି ପଦକ୍ଷେପ୍ ନେବାର୍କେ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସାହିତ୍ୟ ଏକାଡେମୀ ପୁରସ୍କାର        ଆର୍ଏନ୍ୟୁ / ସମ୍ବଲପୁର

ଇ ବଛ୍ରର୍ ମର୍ଯ୍ୟାଦାଜନକ୍ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଏବାର୍ ଲାଗି ୨ ଝନ୍ ପ୍ରତିଷ୍ଠିତ ଓଡ଼ିଆ ଲେଖକ୍ଙ୍କର୍ ବହି ୨ଟା ଭାଷା ବର୍ଗଥି ମନୋନୀତ୍ ହେଇଛେ । ଓଡ଼ିଆ ଭାଷାଥି ନାଁକରା ସାହିତ୍ୟିକ୍ ପ୍ରଫେସର୍ ବୈଷ୍ଣବ ଚରଣ ସାମଲ୍ଙ୍କର୍ 'ଭୁତି-ଭକ୍ତି ଆର୍ ବିଭୁତି' ଆର୍ ସାନ୍ତାଳି ଭାଷାଥି ମହେଶ୍ୱର୍ ସୋରେନ୍ଙ୍କର୍ ନାଟ୍ୟପୁସ୍ତକ୍ 'ସେଚେତ୍ ସାଓ୍ୱନ୍ତା ରେନ୍ ଆନ୍ଧା ମାନ୍ମି'କେ ଇ ସମ୍ମାନ୍ ମିଲ୍ବା । ୨୦୨୫ ମାର୍ଚ୍ଚ ୮ ତାରିଖ୍ ନୂଆଦିଲ୍ଲୀ ଠାନେ ଇ ପୁରସ୍କାର୍ ଦିଆଯିବା । ପୁରସ୍କାର୍ ବାବ୍ଦେ ୧ ଲାଖ୍ ଟଙ୍କା ଅର୍ଥ ରାଶି ସହେତେ ତାମ୍ରଫଲକ୍ ଦିଆଯିବା ବଲି ଜନାପଡ଼ିଛେ ।

ଯୁକ୍ତ ଦୁଇ ପରୀକ୍ଷା        ଆର୍ଏନ୍ୟୁ / ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ଦ୍ୱାରା ପରିଚାଳିତ୍ ଯୁକ୍ତ ଦୁଇ ଥିଓରୀ ପରୀକ୍ଷା ଲାଗି ସବୁ ତୟାରି ମୁଲ୍ ହେଇଛେ । ୨୦୨୫ ଫେବୃଆରୀ ୧୮ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବାର୍ ପରୀକ୍ଷାଥି ୩ ଲାଖ୍ ୯୨ ହଜାର୍ ୮ ଶହ ୬୭ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ରାଏଜେ ରାଏଜେ ୧ ହଜାର୍ ୨ ଶହ ୬୮ ଟା ପରୀକ୍ଷା କେନ୍ଦ୍ର ଆର୍ ୮ ଟା ଉପ ପରୀକ୍ଷା କେନ୍ଦ୍ର କରାଯାଇଛେ ।

ଅନୁ ଗର୍ଗ- ଅତିରିକ୍ତ ଦାୟିତ୍ୱ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଜଲ୍‌ସମ୍ପଦ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କୁ ଅତିରିକ୍ତ ଦାୟିତ୍ୱ ମିଲିଛେ । ପରବର୍ତୀ ଆଦେଶ୍‌ତକ୍ ସେ ଓଡ଼ିଶା ଉଠା ଜଲ୍‌ସେଚନ୍ ନିଗମ୍‌ର ନିର୍ଦ୍ଦେଶକ୍ ମଣ୍ଡଲୀର୍ ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର୍ ସମ୍ଭଲାବେ । ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଗୁଟେ ବିଜ୍ଞପ୍ତି ବାହାରିଛେ ।

ଜିଆର୍‌ପି ସମ୍ମିଲନୀ       ଆର୍‌ଏନ୍‌ୟୁ / ସମ୍ବଲପୁର

ରେଲ୍ ସୁରକ୍ଷା ବଳ - ଆର୍‌ପିଏଫ୍ ତର୍‌ଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ସର୍‌କାରୀ ରେଲ୍‌ବାଇ ପୁଲିସ୍-ଜିଆର୍‌ପି

ମୁଖ୍ୟଙ୍କର୍ ୫ ନମ୍ବର୍ ସମ୍ମିଲନୀ ଗଲାକାଏଲ୍ ହେଇଯାଇଛେ । ଇଥି ବରିଷ୍ଠ ଅଧିକାରୀ, ସୁରକ୍ଷା ବିଭାଗ୍ର ମୁଖ୍ୟ ଏକ୍ ହେଇକରି ଯାତ୍ରୀମାନ୍କର୍ ସୁରକ୍ଷା, ଅପରାଧ୍କେ କମ୍ କର୍ବାର୍ ଲାଗି ରଣ୍ନୀତି ଆର୍ ବଢ଼୍ତି ରେଲ୍ ସୁରକ୍ଷା ଲାଗି ଦର୍କାରୀ ମାନବ ସମ୍ବଳ ଉପ୍ରେ ବିଚାର୍ ବିମର୍ଷ କରାଯାଇଥିଲା । ରେଲ୍ ବୋର୍ଡ୍ ଅଧକ୍ଷ ଆର୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ୍ କୁମାର୍ ଇଥି ଯୋଗ୍ ଦେଇକରି କହିଛନ୍ ଯେ, ଦେଶଣ୍ ଲାଖ୍ ଲାଖ୍ ରେଲ୍ଯାତ୍ରୀଙ୍କର୍ ସୁରକ୍ଷାକେ ସୁନିର୍ଶ୍ଚିତ୍ କର୍ବାର୍ଥି ଜିଆର୍ପି ଆର୍ ଆର୍ପିଏଫ୍ ଭିତ୍ରେ ମିଳିତ୍ ଆଭିମୁଖ୍ୟ ରହେବାର୍ ଦର୍କାର୍ ।

ଜିଲ୍ଲାସ୍ତରୀୟ ବୀରତା ଦିବସ-ପ୍ରସ୍ତୁତି ବର୍ଗଡ଼୍ ସମ୍ବାଦଦାତା

ଜିଲ୍ଲାସ୍ତରୀୟ ବୀରତା ଦିବସ୍ -୨୦୨୫ ପାଳନ୍ ଲାଗି ଗଲାକାଏଲ୍ ବର୍ଗଡ଼୍ ଜିଲ୍ଲାପାଳ୍ ସମ୍ମିଲନୀ କକ୍ଷ ନ ଅତିରିକ୍ତ ଜିଲ୍ଲାପାଳ୍ ମହେନ୍ଦ୍ର ମହାପାତ୍ରଙ୍କର୍ ଅଧକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇଥି ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇକରି ଉତ୍ସବ୍ ପାଳନ୍ ଲାଗି ଆଲୋଚନା କରିଥିଲେ ।

ଉତରାଂଚଲ ରାଜସ୍ୱ ଆୟୁକ୍ତ-ପଦ୍ମପୁର     ବର୍‌ଗଡ଼୍ ସମ୍ବାଦଦାତା

ଉତରାଂଚଲ ରାଜସ୍ୱ ଆୟୁକ୍ତ ସଚିନ୍ ରାମଚନ୍ଦ୍ର ଯାଦବ୍ ଗଲାକାଏଲ୍ ବର୍‌ଗଡ଼୍ ଜିଲ୍ଲାର୍ ପଦମ୍‌ପୁର୍ ଉପଖଣ୍ଡ ଗସ୍ତ କରିକରି  ଉପଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଭିନ୍ ଭିନ୍ ବିଭାଗ୍‌ର କାମ୍‌ର ସମୀକ୍ଷା କରିଥିଲେ । ଇଲାକାର୍ ଉନ୍ନୟନ୍ କାମ୍ ସବୁ ସୁରୁଖୁରୁଥି କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଥିଲେ ।

ରେଲ୍‌ବାଇ- ରକ୍ତଦାନ୍ ଶିବିର       ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଡିଭିଜନାଲ୍ ରେଲ୍ ହସ୍ପିଟାଲ୍ ଠାନେ ଗଲାକାଏଲ୍ ପୂର୍ବତଟ ରେଲ୍‌ବାଇର୍ ସମ୍ବଲ୍‌ପୁର୍ ଡିଭିଜନ୍ ତର୍‌ଫୁ ଗୁଟେ ସ୍ୱେଚ୍ଛାକୃତ ରକ୍ତଦାନ୍ ଶିବିର ହେଇଯାଇଛେ । ଶିବିରକେ ସମ୍ବଲ୍‌ପୁର୍ ବିଭାଗ୍‌ର ରେଲ୍‌ପରିଚାଳକ  ଉଦ୍‌ଘାଟନ୍ କରିଥିଲେ । ଇଥି ମୋଟ୍ ୫୧ ଝନ୍ ରେଲ୍ ଅଧିକାରୀ, କର୍ମଚାରୀ ଆର୍ ସେମାନ୍‌କର୍ ପରିବାର୍ ସଦସ୍ୟ ରକ୍ତଦାନ୍ କରିଥିଲେ ।

ସବ୍‌ଜୁନିଅର୍ ହେଣ୍ଡବଲ୍ ଚମ୍ପିଆନ୍‌ସିପ      ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦୁଝର୍‌ର ହେଣ୍ଡବଲ୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୨୧ ନମ୍ବର୍ ସବ୍‌ଜୁନିଅର୍ ହେଣ୍ଡବଲ୍ ଚମ୍ପିଆନ୍‌ସିପ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ବାଲକ ଆର୍ ବାଲିକା ଦୁହି ବର୍ଗଥି ହେଇଥିବା ଇ ଚମ୍ପିଆନ୍‌ସିପ୍‌ଥି କେନ୍ଦୁଝର୍ ଦଲ୍ ଜିତିଛେ । ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଦଲ୍‌ମାନ୍‌କୁ ପୁରସ୍କୃତ କରିଥିଲେ ।